# Akashvani, Sambalpur

## SAMBALPURI NEWS EVENING BULLETIN

## 1 May 2024- 7.02 pm- 7.12 pm.

***********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୬ ତାରିଖ୍ ଓଡ଼ିଶା ନ ନିର୍ବାଚନ୍ ପ୍ରଚାର୍‌ଥି ଦେବେ ଯୋଗ୍ ।

୨- ପଦ୍ମ ପୁରସ୍କାର୍- ୨୦୨୫ ଲାଗି ନାମାଙ୍କନ୍ ଆର୍ ସୁପାରିଶ୍ ପ୍ରକ୍ରିୟା ଆଏଜ୍‌ଠାନୁ ହେଲା ମୁଲ୍ ।

୩- ଧାମ୍‌ରାର୍ ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ସୁପର୍ ସୋନିକ୍ କ୍ଷେପଣାସ୍ତ୍ର- ସ୍ମାର୍ଟର ହେଲା ସଫଲ୍ ପରୀକ୍ଷଣ୍ ।

୪- ଦେଶ୍ ଗଠନ୍‌ଥି ଶ୍ରମିକ୍‌ମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ଶ୍ରମିକ୍ ଦିବସ୍ ।

ଆଉର୍

୫- ରାଏଜେ ଜବର୍ ଖରା ଜାରି- ପଶ୍ଚିମ ଓଡ଼ିଶାର୍ ୭ ଟା ଜିଲ୍ଲାକେ ସତର୍କ କଲା ପାଣିପାଗ୍ ବିଭାଗ୍ ।

ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ମାସର୍ ୬ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ଗସ୍ତ ସମିଆଥି ଶ୍ରୀ ମୋଦୀ ୨ ଟା ନିର୍ବାଚନ୍ ସଭାଥି ଯୋଗ୍ ଦେବେ । ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ପ୍ରଧାନ୍‌ମନ୍ତ୍ରୀ ସେଦିନର୍ ସଖାଲର୍ ୧୦ ବଜେ ବ୍ରହ୍ମପୁର୍ ନ ଗୁଟେ ସାଧାରଣ୍ ସଭାଥି ଯୋଗ୍ ଦେବାର୍ ଉତାରୁ ନବରଙ୍ଗ୍‌ପୁର୍ ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ । ଦୁହି ଜାଗା ନ ପ୍ରଧାନ୍‌ମନ୍ତ୍ରୀ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୩ ତାରିଖ୍ ଓଡ଼ିଶା ନ ପହେଲା ଖେପ୍ ମତଦାନ୍ ହେବାର୍‌କେ ଯାଉଛେ । ଇ ଖେପେ ୪ ଟା ଲୋକ୍‌ସଭା ଆର୍ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା ।

ଆଦିବାସୀ ଗୋଷ୍ଠୀ- ଭୋଟ୍‌ଥି ସାମିଲ୍ ପ୍ରେସ୍ ରିଲିଜ୍

ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଗଲା ୨ ବଛର୍ ହେଲା ଖାସ୍ କରି ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ ଆର୍ ଅଲ୍‌ଗା ଆଦିବାସୀ ଗୋଷ୍ଠୀଙ୍କୁ ନିର୍ବାଚନ୍ ପ୍ରକ୍ରିୟାଥି ସାମିଲ୍ କର୍‌ବାର୍

ଚେରେଷ୍ଟା ସଫଲ୍ ହେଇଛେ । ସାଧାରଣ୍ ନିର୍ବାଚନ୍ ୨୦୨୪ ର ପହେଲା ଆର୍ ୨ ନମ୍ବର୍ ଖେପ୍‌ଥି ଗ୍ରେଟ୍ ନିକୋବର୍‌ର ସୋମ୍ପେନ୍ ଜନଜାତି ପହେଲା ଥର୍ ଲାଗି ଭୋଟ୍ ଥି ସାମିଲ୍ ହେଇଛନ୍ । ନିର୍ବାଚନ୍ ଆୟୋଗ୍ ତର୍‌ଫୁ କରାଯାଇଥିବା ଇ ପ୍ରଚେଷ୍ଟାନୁ ମଧ୍ୟପ୍ରଦେଶ୍, କର୍ଣ୍ଣାଟକ୍, କେରଳ, ତ୍ରିପୁରା, ଓଡ଼ିଶା, ବିହାର୍, ଝାର୍‌ଖଣ୍ଡ୍, ଗୁଜୁରାଟ୍, ତାମିଲ୍‌ନାଡୁ ଆର୍ ଛତିଶ୍‌ଗଡ୍ ନ ରହୁଥିବା ଭିନ୍ ଭିନ୍ ଜନଜାତି ମାନେ ଇ ନିର୍ବାଚନ୍ ପ୍ରକ୍ରିୟାଥି ସାମିଲ୍ ହେଉଛନ୍ ।

ପଦ୍ମ ପୁରସ୍କାର୍- ନାମାଙ୍କନ୍ ପି.ଆଇ.ବି.

ଆଏବା ସାଧାରଣତନ୍ତ୍ର ଦିବସ୍ ଅବ୍‌ସରେ ଘୋଷ୍‌ନା ହେବାର୍‌କେ ଥିବାର୍ ପଦ୍ମ ପୁରସ୍କାର୍-୨୦୨୫ ଲାଗି ଅନ୍‌ଲାଇନ୍ ଜରିଏ ନାମାଙ୍କନ୍ ଆର୍ ସୁପାରିଶ୍ ପଠାବାର୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ଇଥିର୍‌ଲାଗି ଆଏବା ସେପ୍ଟେମ୍ବର୍ ୧୫ ତାରିଖ୍‌ତକ୍ ସମିଆ ଧାରିଜ୍ କରାଯାଇଛେ । ନାମାଙ୍କନ୍ ଆଉ ସୁପାରିଶ୍ - ରାଷ୍ଟ୍ରୀୟ ପୁରସ୍କାର୍ ପୋର୍ଟାଲ୍ https://awards.gov.in ଥି ଅନ୍‌ଲାଇନ୍ ଜରିଏ ପଠାବାର୍ ଲାଗି ଗୃହମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କ୍ଷେପଣାସ୍ତ୍ର            ଆର୍ଏନ୍ୟୁ/ କଟକ୍

ଭଦ୍ରକ୍ର ଧାମ୍ରା ଠାନେ ଥିବା ଡକ୍ଟର୍ ଏପିଜେ ଅବ୍ଦୁଲ୍ କଲାମ୍ ଦ୍ୱୀପନୁ ଆଏଜ୍ ସୁପର୍ ସୋନିକ୍ ମିଶାଇଲ୍ ଆସିଷ୍ଟେଡ଼୍ ରିଲିଜ୍ ଅଫ୍ ଟର୍ପେଡ଼ୋ - ସ୍ମାର୍ଟ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ପ୍ରତିରକ୍ଷା ଗବେଷଣା ଆର୍ ବିକାଶ୍ ସଂଗଠନ୍- ଡିଆର୍ଡିଓ ତର୍ଫୁ ବିକଶିତ୍ ଇ କ୍ଷେପଣାସ୍ତ୍ର ବୁଡ଼ାଜାହାଜ୍ ନିରୋଧୀ ଯୁଦ୍ଧକ୍ଷମତା ବଢ଼ାବାର୍ ଲାଗି ପ୍ରସ୍ତୁତ୍ କରାଯାଇଛେ । ସୂଚ୍ନା ଅନ୍ସାରେ ଇ କ୍ଷେପଣାସ୍ତ୍ରଥି ପାରାସୁଟ୍ ସହେତେ ଅତ୍ୟାଧୁନିକ୍ ଦିଗ ନିର୍ଣ୍ଣୟକାରୀ ବ୍ୟବସ୍ଥା ରହିଛେ । ଆଏଜ୍ ସଖାଲର୍ ସାଢ଼େ ୮ ବଜେ ଇ କ୍ଷେପଣାସ୍ତ୍ରକେ ଗ୍ରାଉଣ୍ଡ୍ ମୋବାଇଲ୍ ଲଂଚର୍ନୁ ଉତ୍କ୍ଷେପଣ୍ କରାଯାଇଥିଲା । ପରୀକ୍ଷଣ୍ ସମିଆଥି ଇତାର୍ ସବୁ ବିଷୟକେ ଯାଂଚ୍ କରାଯାଇଥିବାର୍ ଜନାପଡ଼ିଛେ । ଇ କ୍ଷେପଣାସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ଉତ୍ରୁ ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ - ଡିଆର୍ଡିଓ ଆର୍ ସହଯୋଗୀ ସଂସ୍ଥାମାନ୍କୁ ପ୍ରଶଂସା କରିଛନ୍ । ସେ କହିଛନ୍ ଯେ, ଇ କ୍ଷେପଣାସ୍ତ୍ର ଭାରତୀୟ ନୌସେନାର ଶକ୍ତି ବଢ଼ାବାର୍ ଦିଗେ ସାହାଜ୍ କର୍ବା ।

ଜିଏସ୍ଟି ସଂଗ୍ରହ            ଆର୍ଏନ୍ୟୁ/ କଟକ୍/ ଏନ୍ଏସ୍ଡି

ଦେଶେ ଗଲା ଏପ୍ରିଲ୍ ମାସେ ଦ୍ରବ୍ୟ ଆଉ ସେବାକର - ଜିଏସ୍‌ଟି ସଂଗ୍ରହ ରେକର୍ଡ଼ ପରିମାଣ୍ ୨ ଲାଖ୍ ୧୦ ହଜାର୍ କୋଟି ଟଙ୍କା ହେଇଛେ । ଅର୍ଥମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ବଛ୍‌ରେ ଭିତ୍‌ରେ ଜିଏସ୍‌ଟି ସଂଗ୍ରହ ୧୨ ଦଶ୍‌ମିକ୍ ୪ ପ୍ରତିଶତ୍ ବଢ଼ିଛେ । ଘରୋଇ କାର୍‌ବାର୍ ଆର୍ ଆମ୍‌ଦାନୀଥି ଜବର୍ ଅଭିବୃଦ୍ଧି ହେଇଥିବାର୍‌ନୁ ଜିଏସ୍‌ଟି ଆଦାୟ ବଢ଼ିଛେ । ଏପ୍ରିଲ୍ ମାସେ ହେଇଥିବା ହେଇଥିବା ଜିଏସ୍‌ଟି ସଂଗ୍ରହ ଭିତ୍‌ରେ ସିଜିଏସ୍‌ଟି ୪୩ ହଜାର୍ କୋଟି ନୁ ଅଏତ୍‌କା, ଏସ୍‌ଜିଏସ୍‌ଟି ୫୩ ହଜାର୍ କୋଟି ଆଇଜିଏସ୍‌ଟି ୯୯ ହଜାର୍ କୋଟିନୁ ଅଏତ୍‌କା ଆର୍ ସେସ୍ ବାବଦ୍ ୧୩ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ରହିଛେ । ଓଡ଼ିଶା ନ ଭିଲ୍ ଜିଏସ୍‌ଟି ସଂଗ୍ରହ ଗଲା ଏପ୍ରିଲ୍ ମାସେ ରେକର୍ଡ଼ ପରିମାଣ୍‌ର ୫ ହଜାର୍ ୯ ଶହ ୨ କୋଟି ଟଙ୍କା ହେଇଛେ । ଗଲାବଛର୍ ଏପ୍ରିଲ୍ ମାସେ ଇଟା ୫ ହଜାର୍ ୩୫ କୋଟି ଟଙ୍କା ଥିଲା । ଜିଏସ୍‌ଟି ସଂଗ୍ରହ ୧୭ ଦଶ୍‌ମିକ୍ ୨/୧ ପ୍ରତିଶତ୍ ବଢ଼ିଛେ ବଲି ଜନାପଡ଼ିଛେ ।

ରାଷ୍ଟ୍ରୀୟ ଲୋକଅଦାଲତ୍ ଆର୍‌ଏନ୍‌ୟୁ/କଟକ୍

ଇ ବଛ୍‌ରର୍ ୨ ନମ୍ବର୍ ଖେପ୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଆଏବା ୧୧ ତାରିଖ୍ ଶନିବାର୍ ଦିନ ହେବା । ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ୍ ତରଫୁଁ ମିଲିଥିବା ସୂଚ୍‌ନା ଅନ୍‌ସାରେ

ରାଜ୍ୟ ଉଚ୍ଚ ନ୍ୟାୟାଳୟ ସହେତେ ଜିଲ୍ଲାସ୍ତରୀୟ ଆର୍ ତାଲୁକ୍‌ସ୍ତରୀୟ ବିଚାର୍‌ବିଭାଗୀୟ ନ୍ୟାୟାଳୟ ପରିସର୍‌ମାନ୍‌କେ ଇ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେବା । ଇଥି ସବୁ ପ୍ରକାର୍ ବିଚାରାଧୀନ୍ ମକଦ୍ଦମା ମାନ୍‌କର୍ ବିଚାର୍ ହେବାର୍ ସହେତେ ଦେୱାନୀ ମକ୍‌ଦ୍ଦମାମାନ୍‌କର୍ ଆପୋଷ ସହମତିଥି ସମାଧାନ୍ କରାଯିବା ।

ଶ୍ରମିକ୍ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍/ ବୌଦ୍ଧ ସମ୍ବାଦଦାତା

ଆଏଜ୍ ଆନ୍ତର୍ଜାତୀୟ ଶ୍ରମିକ୍ ଦିବସ୍ । ଦେଶ୍ ଗଠନ୍‌ଥି ଶ୍ରମିକ୍‌ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଅବଦାନ୍‌କେ ସମ୍ମାନ୍ ଜନେଇକରି ଇ ଦିବସ୍ ପାଲନ୍ କରାଯାଉଛେ । ଇଟାକେ ମେ ଦିବସ୍ ବଲି ଭିଲ୍ କୁହାଯାଏସି । ସାରା ପୁର୍‌ଥି ନ ଅର୍ଥନୈତିକ ଆର୍ ସାମାଜିକ ଅଧିକାର୍ ହାସଲ୍ କର୍‌ବାର୍ ଦିଗେ ଶ୍ରମିକ୍ ମାନ୍‌କର୍ ବଲିଦାନ୍‌କେ ସୁର୍‌ତା କର୍‌ବାର୍‌ଟା ଇ ଦିବସ୍‌ର ଉଦ୍ଦେଶ୍ ଆଏ । ଆଝିର୍ ଦିନେ ପୁର୍‌ଥିର୍ ଚାର୍‌ହିକୁତି ଥିବାର୍ ଶ୍ରମିକ୍‌ମାନ୍‌କର୍ କାର୍ଯ୍ୟଦକ୍ଷତାକେ ସମ୍ମାନ୍ ଜନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟର୍ ଶ୍ରମିକ୍‌ମାନ୍‌କୁ ମେ ଦିବସ୍ ଅବ୍‌ସରେ ଶୁଭକାମନା ଜନେଇଛନ୍ । ଶ୍ରମିକ୍‌ମାନେ ନିଜର୍ ନିଜର୍ ପରିସର୍‌ଥି ନିଷ୍ଠାପର ଭାବେ କାମ୍ କରିକରି ନିଜର୍

ଲାଗି ଆର୍ ରାଜ୍ୟର୍ ଲାଗି ଗରବ୍ ଆର୍ ଗୌରବ୍ ଆନୁନ୍ ବଲି ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ ଗଣମାଧ୍ୟମ୍ ଏକ୍ସ୍‌ଥି ଶ୍ରମିକ୍‌ମାନ୍‌କର୍ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଦେଶର୍ ସାମାଜିକ ଆଉ ଆର୍ଥିକ୍ ପ୍ରଗତିଥି ଶ୍ରମିକମାନ୍‌କର୍ କେତ୍‌ନିକେତେ ଯୋଗଦାନ୍ ରହିଛେ ।

ଇ ଅବ୍‌ସରେ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ବିଶ୍ୱ ଶ୍ରମିକ୍ ଦିବସ୍ ପାଲିତ୍ ହେଇଯାଇଛେ ।

ନିର୍ବାଚନ୍ ଥିତି - ବଲାଙ୍ଗିର୍ ଆର୍‌ଏନ୍‌ୟୁ/ କଟକ୍

ଆଏବା ସାଧାରଣ୍ ନିର୍ବାଚନ୍‌କେ ଶାନ୍ତିଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ନିର୍ବାଚନ୍ କମିଶନ୍‌ଙ୍କର୍ ତରଫୁ ବିଜ୍ଞପ୍ତି ବାହାର୍‌ବାର୍ ଉତ୍‌ରୁ ବଲାଙ୍ଗିର୍ ଜିଲ୍ଲା ନ ବଲାଙ୍ଗିର୍, ଲୋଇସିଂହା ଆର୍ ପାଟ୍‌ନାଗଡ୍ ବିଧାନ୍‌ସଭା ଆସନ୍ ଲାଗି ଜୋର୍‌ସୋର୍ ପ୍ରଚାର୍ ଚାଲିଛେ । ଇ ପ୍ରକ୍ରିୟାଥି ରାଜ୍ୟର୍ ୩ ଟା ପ୍ରମୁଖ ଦଲ୍ ବିଜେଡ଼ି, ବିଜେପି ଆର୍ କଂଗ୍ରେସ୍ ତର୍‌ଫୁ ଜୋର୍‌ଦାର୍ ପ୍ରଚାର୍ ମୁଲ୍ ହେଇଛେ । ଭିନ୍ ଭିନ୍ ଜାଗା ନ ପ୍ରଚାର୍ କାମ୍ ସହେତେ ରୋଡ୍ ସୋ ଜରିଏ ଦଲର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ବାବ୍‌ଦେ ଦଲୀୟ ପ୍ରାର୍ଥୀମାନେ ଭୋଟର୍‌ମାନ୍‌କୁ ଜନାବାର୍

ସହେତେ ନିଜର୍ ଦଲ୍‌କେ ଭୋଟ୍ ଦେବାର୍ ଲାଗି ନିବେଦନ୍ କରୁଛନ୍। ଜବର୍ ଖରା ସାଙ୍ଗେ ରାଜନୈତିକ ଉଷ୍ମତା ଭିଲ୍ ବଢ଼ିଛେ। ବଲାଙ୍ଗିର୍ ଜିଲ୍ଲାର୍ ନିର୍ବାଚନ୍ ବାବ୍‌ଦେ ଆମର୍ ସମ୍ବାଦଦାତା ସୁବୋଧ୍ ମେହେର୍‌ଙ୍କର୍ ରିପୋର୍ଟ...
(ଭଏସ୍ ଓଭର୍- ସୁବୋଧ୍ ମେହେର୍)

ପ୍ରାର୍ଥୀ- ନାମାଙ୍କନ୍ ଦାଖଲ୍

ବୌଦ୍ଧ/ ବର୍‌ଗଡ଼୍/ ସମ୍ବଲପୁର/ ସୁବର୍ଣ୍ଣପୁର୍ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଆଉ ବୌଦ୍ଧ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଆଏଜ୍ ବିଜେପି ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍। ବୌଦ୍ଧ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ସରୋଜ୍ କୁମାର୍ ପ୍ରଧାନ୍, ଆର୍ କଂଟାମାଲ୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି କହ୍ନେଇ ଚରଣ୍ ଡାଙ୍ଗ୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍।

ବର୍‌ଗଡ଼୍ ଜିଲ୍ଲା ନ ବର୍‌ଗଡ଼୍ ଲୋକ୍‌ସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ପ୍ରଦୀପ୍ ପୁରୋହିତ୍ ଆର୍ ୫ନେ ସ୍ୱାଧୀନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍। ବିଜେପୁର୍ ବିଧାନ୍‌ସଭା ଆସନ୍ ଲାଗି ବିଜେଡ଼ି ପ୍ରାର୍ଥୀ ରୀତା ସାହୁ, ଭଟ୍‌ଲି ବିଧାନ୍‌ସଭା ଆସନ୍ ବିଜେପି ପ୍ରାର୍ଥୀ ଇରାସିସ୍ ଆଚାର୍ଯ୍ୟ, ଆମ୍ ଆଦ୍‌ମୀ ପାର୍ଟି

ପ୍ରାର୍ଥୀ ଶାହରୁଖ୍ ଲୋଧିଆ, ଅତାବିରା ବିଧାନ୍‌ସଭା ଆସନ୍ ଲାଗି କଂଗ୍ରେସ୍ ପ୍ରାର୍ଥୀ ଅଭିଷେକ୍ ସେଠ୍, ଆମ୍‌ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଜୟକୃଷ୍ଣ ଛୁରିଆ ନାମାଙ୍କନ୍ ଦାଖଲ୍ କରିଛନ୍ । ସେପ୍ରା ବର୍‌ଗଡ଼୍ ବିଧାନ୍‌ସଭା ଆସନ୍ ଲାଗି ଆମ୍ ଆଦ୍‌ମୀ ପାର୍ଟି ଆଶିଷ୍ ଶତ୍‌ପଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଙ୍ଗାଲି ନିର୍ବାଚନ୍ ମଣ୍ଡଳୀର ବିଧାନ୍‌ସଭା ଆସନ୍ ଲାଗି ଆମ୍‌ଆଦ୍‌ମୀ ପାର୍ଟିର ସୀତାକାନ୍ତ ରୋହିଦାସ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ସେପ୍ରା କୁଚିଣ୍ଡା ବିଧାନ୍‌ସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ରବିନାରାୟଣ୍ ନାଏକ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ସୋନ୍‌ପୁର୍ ବିଧାନ୍‌ସଭା ଆସନ୍ ଲାଗି ବିଜେପି ତରଫୁ ପ୍ରମୋଦ୍ ମହାପାତ୍ର ଆଉ ବିଜେଡ଼ି ପ୍ରାର୍ଥୀ ନିରଞ୍ଜନ୍ ପୂଝାରୀ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ସେଆଡ଼େ ଝାର୍‌ସୁଗୁଡ଼ା ବିଧାନ୍‌ସଭା ଆସନ୍ ଲାଗି ସ୍ୱାଧୀନ୍ ପ୍ରାର୍ଥୀ ଭାବେ ସଞ୍ଜିତା କିସାନ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ ।

ଆକାଶ୍‌ବାଣୀ ମହାନିର୍ଦ୍ଦେଶକ- ଦାୟିତ୍ୱ ଗ୍ରହଣ

ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ମୌସୁମୀ ଚକ୍ରବର୍ତୀ ଆଏଜ୍ ଆକାଶ୍‌ବାଣୀ ସମ୍ବାଦ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଭାବେ ଦାୟିତ୍ୱ ଗ୍ରହଣ୍ କରିଛନ୍ । ୧୯୯୧ ବେଚ୍‌ର ଭାରତୀୟ ସୂଚନା ସେବା ଅଧିକାରୀ ଶ୍ରୀମତୀ ଚକ୍ରବର୍ତୀଙ୍କର୍ ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟ, ପ୍ରେସ୍ ଇନ୍‌ଫର୍‌ମେସନ୍ ବ୍ୟୁରୋ ଆର୍ ସେଂଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେସନ୍ ନ କାମ୍ କର୍‌ବାର୍ ଅଭିଜ୍ଞତା ରହିଛେ । ଇତାର୍‌ଛଡ଼ା ସେ ଜାତୀୟ ମାନବ ଅଧିକାର୍ ଆୟୋଗ୍ ନ ଭିଲ୍ କାମ୍ କରିଛନ୍ । ଗଲାକାଏଲ୍ ଆକାଶବାଣୀର ପ୍ରମୁଖ ମହାନିର୍ଦ୍ଦେଶକ୍ ଡକ୍ଟର୍ ବସୁଧା ଗୁପ୍ତା ଅବସର ଗ୍ରହଣ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ଜାରି ରହିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ତାଲ୍‌ଚେର୍ ନ ୪୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ରାଜ୍ୟର୍ ୧୫ ଟା ସହର୍ ନ ଦିନର୍ ଜହ ତାତି ୪୩ ଡିଗ୍ରୀ ନୁ ଅଏତ୍‌କା ରେକର୍ଡ଼ କରାଯାଇଥିବାର୍ ବେଲେ ୨୮ ଟା ସହର୍ ନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିଅନ୍‌ନୁ ଅଏତ୍‌କା ଥିଲା । ପଶ୍ଚିମ ଓଡ଼ିଶାର୍

ଦେବ୍‌ଗଡ଼୍‌କେ ଛାଡ଼ିକରି ସବୁ ଇଲାକାର୍ ତାତି ୪୨ ଡିଗ୍ରୀ ନୁ ଜହ ଥିଲା ।

ଜବର୍ ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ନୂଆପଡ଼ା, କଲାହାଣ୍ଡି ଆର୍ ବୌଦ୍ଧ ଜିଲ୍ଲାକେ ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ହେଲେ ୨ ଦିନ୍ ଉତ୍‌ରୁ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ କମ୍‌ବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।